# ଓଡ଼ିଆ (୨୩୩)

## ODIA (233)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

### TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ପରଘରର ଗୁମର ଜାଣି କଣ୍ଟାବାଡରେ ଲୁଗା ପକାଇ କଳି କରୁଥିବା କଳିହୁଡି ନାରୀଟିଏ ଗାଁମାନଙ୍କରେ ସହଜରେ ମିଳିଯାଆନ୍ତି । ଏଭଳି ଅନୁଭୂତି ଥିଲେ ପ୍ରକାଶ କର ।

(ପାଠ- ୧ ଦେଖ)

(ଖ) ଉଚ୍ଚଶିକ୍ଷା ଲାଭ କରି ରୋଜଗାରକ୍ଷମ ହୋଇନପାରିଲେ ଅନ୍ୟର ହାତଟେକା ଦାନ ଗ୍ରହଣ କରିବାକୁ ବିବେକ ବାଧା ଦିଏ । ଗ୍ରହଣ କଲେ ଇଜ୍ଜତ ଉପରେ ଆଞ୍ଚ୍ ଆସେ । ଗ୍ରହଣ ନକଲେ ଭୋକରେ ରହିବା କଷ୍ଟଦିଏ । ନିଜ ଅଭିଜ୍ଞତାରୁ ଉଲ୍ଲେଖ କର । (ପାଠ- ୮ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅନ୍ୟର ସୁଖ ଦେଖି ନିଜକୁ ତା ସହ ତୁଳନା କଲେ ଦୁଃଖ ମିଳେ । ସତ୍ୟତା ବିଚାର କର ।

(ପାଠ- ୨୬ ଦେଖ)

(ଖ) ଧର୍ମର ରାସ୍ତାରେ ଚାଲିଲେ କଷ୍ଟ ଆସେ । ମାତ୍ର ଧାର୍ମିକକୁ ଧର୍ମ ହିଁ ରକ୍ଷା କରିଥାଏ । ଉକ୍ତିଟିର ସତ୍ୟତା ସୂଚାଇ ଗଳ୍ପଟିଏ ଲେଖ ।

(ପାଠ- ୨୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିଜେ ଦୁଃଖ ଯନ୍ତ୍ରଣାରେ ରହିଥିଲେ ହେଁ ଯିଏ ଅନ୍ୟର ଦୁଃଖ ଯନ୍ତ୍ରଣା ଦୂର ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ ସେଭଳି ମଣିଷ ଦେବତା ତୁଲ୍ୟ । ନିଜର ଅନୁଭୂତି ଥିଲେ ଭେଟିଥିବା ସେଭଳି ମଣିଷର କଥା ଲେଖ ।

(ପାଠ- ୧୭ ଦେଖ)

(ଖ)	ସତରେ କଣ ଆମେ ଭାରତୀୟ ବୋଲି ଗର୍ବ କରିବାର କାରଣ ଅଛି ? ଯଦି ଅଛି ଲେଖ ।

(ପାଠ- ୧୬ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ)	ନାରୀ ଶିକ୍ଷିତା ହେଲେ ପରିବାର ଓ ସମାଜର ଲାଭ ହୁଏ ନା କ୍ଷତି ହୁଏ ଏ ସମ୍ପର୍କରେ ଏକ କାହାଣୀ ଲେଖ ।

(ପାଠ- ୧୮ ଦେଖ)

(ଖ)	ସ୍ୱାଧୀନତା ପାଇଁ ଅନେକ ଭାରତୀୟ ନିଜ ଜୀବନକୁ ବିସର୍ଜନ କରିଦେଇଥିଲେ । ସେଭଳି ଯଦି କୌଣସି ଦେଶଭକ୍ତ ସହୀଦଙ୍କୁ ଜାଣିଛ ଲେଖ ।	(ପାଠ- ୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ)	ଭାରତରେ କରୋନାର ଦ୍ୱିତୀୟ ଲହର ଆତଙ୍କ ସୃଷ୍ଟି କରିଲାଣି । ସତର୍କ ରହିବା ପାଇଁ ଅନ୍ୟ ରାଜ୍ୟରେ ଥିବା ବନ୍ଧୁଙ୍କ ପାଖକୁ ପତ୍ର ଲେଖ ।	(ପାଠ- ୧୩ ଦେଖ)

(ଖ)	ଭଲ ମଣିଷ ହେବାରେ ପରିବାର ଓ ପରିବେଶର ଯଥେଷ୍ଟ ପ୍ରଭାବ ରହିଥାଏ କି? ନିଜସ୍ୱ ମତାମତ ପ୍ରକାଶ କର ।

(ପାଠ- ୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ)	ବିଜ୍ଞାନ, ମହାମାରୀ କରୋନା, ସରକାରୀ କଟକଣା ଓ ରୋଜଗାର ବାଟବଣା – ଏ ସମ୍ପର୍କରେ ସୁଚିନ୍ତିତ ପ୍ରକଳ୍ପ ପ୍ରସ୍ତୁତ କର ।

(ପାଠ- ୨୫ ଦେଖ)

(ଖ)	ଧର୍ମ ପ୍ରଚାରକ ସାଜି ଅଧର୍ମ କରୁଥିବା ଲୋକେ ଆଜି ନହେଲେ କାଲି ଧର୍ମ ଦ୍ୱାରା ଦଣ୍ଡ ପାଇବେ । ପୁରାଣକୁ ଆଶ୍ରା କରି ଏକ ପ୍ରକଳ୍ପ ପ୍ରସ୍ତୁତ କର ।

(ପାଠ- ୨୩ ଦେଖ)